# NATIONAL NEWS BULLETIN (ODIA)

## 25 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର
- ରାଜସ୍ଥାନ ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେବେ ଉପରାଷ୍ଟ୍ରପତି
- ଦେଶରେ ସାରର ଉପଲବ୍ଧତା ସୁଦୃଢ଼, ସ୍ଥିର ଏବଂ ସୁପରିଚାଳିତ ଥିବା ସାର ମନ୍ତ୍ରଣାଳୟର ସୂଚନା
- ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ୯ଟି ରାଜ୍ୟକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

ଏବଂ

- ଆଇପିଏଲ କ୍ରିକେଟରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ପରାସ୍ତ କଲା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ

# ପିଏମ୍-ଡବ୍ଲ୍ୟୁବି କ୍ୟାମ୍ପେନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ ଜାରି ରହିଛି । ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା କହିଛନ୍ତି, ପଶ୍ଚିମବଙ୍ଗରେ ରାଜନୈତିକ ପରିବର୍ତ୍ତନ ଆସନ୍ନ । ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଗତକାଲି ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଭୋଟ ଗ୍ରହଣରୁ ଜଣାପଡୁଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶାସକ ତୃଣମୂଳ କଂଗ୍ରେସ ଭଲ ପ୍ରଦର୍ଶନ କରିନାହିଁ ।

ଦ୍ୱିତୀୟ ପର୍ଯ୍ୟାୟରେ ଭୋଟରମାନେ ତାଙ୍କ ଦଳକୁ ସୁଦୃଢ଼ କରିବା ଏବଂ ଏକ ବିକଶିତ ବଙ୍ଗଳା ଗଠନ କରିବା ଦିଗରେ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି । ଶାସକ ଦଳ ଅନୁପ୍ରବେଶକୁ ପ୍ରୋତ୍ସାହିତ କରି ବହୁ ସଂଖ୍ୟାରେ ଯୁବବର୍ଗଙ୍କୁ ରାଜ୍ୟ ବାହାରେ କାମ କରିବା ଲାଗି ବାଧ କରୁଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି । ରାଜ୍ୟରେ ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନ ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆସନ୍ତା ୨୯ ତାରିଖରେ ପଶ୍ଚିମବଙ୍ଗରେ ଦିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ ।

# ଇସି-ଟିଏନ୍ ନୋ ରିପୋଲ୍

ତାମିଲନାଡୁରେ ଗତ ଗୁରୁବାର ହୋଇଥିବା ଭୋଟ୍ ଗ୍ରହଣରେ ୭୫ ହଜାର ୬୩ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ପୁନଃ ଭୋଟ୍ ଗ୍ରହଣ ପାଇଁ ସୁପାରିଶ୍ କରାଯାଇ ନାହିଁ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି । ତାମିଲନାଡୁରେ ସମସ୍ତ ୨୩୪ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ସେଠାରେ ମତଦାନ ୮୫ ଦଶମିକ ୧/୪ ପ୍ରତିଶତ ହୋଇଥିଲା । ରାଜ୍ୟରେ ହୋଇଥିବା ଭୋଟ୍ ଗ୍ରହଣ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସୁରୁଖୁରୁରେ ସଂପନ୍ନ ହୋଇଥିବାରୁ ପୁନଃ ମତଦାନର ଆବଶ୍ୟକତା ନାହିଁ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । ସେହିପରି ପଶ୍ଚିମବଙ୍ଗରେ ମଧ୍ୟ ୪୪ ହଜାର ୩୭୬ ଭୋଟଗ୍ରହଣ କେନ୍ଦ୍ରରେ ପୁନଃ ମତଦାନ ପାଇଁ ସୁପାରିଶ୍ କରାଯାଇ ନଥିବା ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି । ସେଠାରେ ମଧ୍ୟ ଗତ ଗୁରୁବାର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୧୫୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ସେଠାରେ ୯୨ ଦଶମିକ ୭/୨ ପ୍ରତିଶତ ମତଦାନ ହୋଇଥିଲା । ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ ।

## ଭିପି-ରାଜସ୍ଥାନ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ରାଜସ୍ଥାନର ଜୟପୁର ଗସ୍ତ କରିବେ । ଏହି ଗସ୍ତକାଳରେ ଉପରାଷ୍ଟ୍ରପତି ରାଜସ୍ଥାନ ବିଶ୍ୱବିଦ୍ୟାଳୟର ୩୪ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ସେ ମଧ୍ୟ ଜୟପୁରଠାରେ ଭଗବାନ ମହାବୀର କର୍କଟ ଚିକିତ୍ସାଳୟ ଏବଂ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ୨୩ତମ କର୍କଟ ଆକ୍ରାନ୍ତ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ସେନସସ ୨୦୨୭

ରେଜିଷ୍ଟ୍ରର ଜେନେରାଲ୍ କାର୍ଯ୍ୟାଳୟ ଏବଂ ଜନଗଣନା ଆୟୋଗଙ୍କ ପକ୍ଷରୁ ଜନଗଣନା ୨୦୨୭ ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ଜାତୀୟ ଟୋଲ ଫ୍ରି' ହେଲ୍ପଲାଇନ୍ ନମ୍ବର ୧୮୫୫ କାର୍ଯ୍ୟକାରୀ କରିବ । ଏହା ଗୃହ ତାଲିକା ଏବଂ ଗୃହ ଗଣନା କାର୍ଯ୍ୟକୁ ଆଞ୍ଚଳିକ ଭାଷା ଏବଂ ଇଂରାଜୀ ଭାଷାରେ ମାର୍ଗଦର୍ଶନ କରିବ । ଜନଗଣନା କାର୍ଯ୍ୟରେ ସ୍ୱଚ୍ଛତା ପ୍ରଦାନ କରିବା, ସରଳୀକରଣ କରିବା ଏବଂ ନାଗରିକମାନଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ  ଏହି ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

# ଗଭ୍-ଫର୍ଟିଲାଇଜର

ଦେଶର ସାର ଉପଲବ୍ଧତା ଦୃଢ଼, ସ୍ଥିର ଏବଂ ସୁପରିଚାଳିତ ରହିଥିବା ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଦେଶରେ ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଅଧିକ ଥିବା ସୂଚନା ଦିଆଯାଇଛି । ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ସାରର ଅଭାବ ନେଇ ନିକଟରେ କୁହାଯାଉଥିବା ଅଭିଯୋଗ ଭୁଲ୍ ଅଟେ । ଶେଷ ହୋଇଥିବା ୨୦୨୫-୨୬ ରବି ଋତୁରେ ସାରର ସ୍ଥିତି ସ୍ୱାଭାବିକ ଥିଲା ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।୨୦୨୫ ମସିହା ଅକ୍ଟୋବରରୁ ଚଳିତବର୍ଷ ମାର୍ଚ୍ଚମାସ ପର୍ଯ୍ୟନ୍ତ ଶେଷ ହୋଇଥିବା ରବିଋତୁରେ ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ରହିଥିଲା । ୟୁରିଆ ସାରର

ଆବଶ୍ୟକତା ୧୯୬ ଦଶମିକ ୦/୬ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ଉପଲବ୍ଧତା ପରିମାଣ ୨୫୭ ଦଶମିକ ୫/୯ ଲକ୍ଷ ମେଟ୍ରିକ୍ ଟନ୍ ଥିଲା । ସେହିପରି ଡିଏପି ସାରର ଆବଶ୍ୟକତା ପରିମାଣ ୫୩ ଦଶମିକ ୪/୩ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ଉପଲବ୍ଧତା ପରିମାଣ ୭୫ ଦଶମିକ୪/୦ ଲକ୍ଷ ମେଟ୍ରିକ୍ ଟନ୍ ଥିଲା । ଚଳିତ ଆର୍ଥିକବର୍ଷରେ ସାରର ଯୋଗାଣ ସ୍ୱାଭାବିକ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ନଡ୍ଡା-ଫର୍ଟିଲାଇଜର

କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା’ ଦେଶରେ ସାରର ଅଭାବ ରହିଥିବା ସଂପର୍କରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସର୍ବଦା କୃଷକଙ୍କ ସହିତ ରହିଛି ଏବଂ ଦେଶରେ ସାରର ଉପଲବ୍ଧତା ନିରନ୍ତର ଜାରି ରହିଛି । ଶ୍ରୀ ନଡ୍ଡା ଏକ ବିବୃତିରେ କହିଛନ୍ତି, ଶ୍ରୀ ଖଡଗେ କୃଷକମାନଙ୍କୁ ବିଭ୍ରାନ୍ତ କରିବା ଲାଗି ରାଜନୈତିକ ସ୍ତରରେ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ସାରର ମହଜୁତ ପରିମାଣ ଅଧିକ ରହିଛି ।

# ଗଭ୍-ହ୍ୱିଟ୍ ଏମ୍ଏସ୍ପି

କେନ୍ଦ୍ର ସରକାର ଚଳିତ ଋତୁରେ ସର୍ବନିମ୍ନ ସହାୟତା ଦର-ଏମ୍ଏସ୍ପି ୧୫ ପ୍ରତିଶତରେ ଗହମ ସଂଗ୍ରହ ଲକ୍ଷ୍ୟ ୩୪ ଦଶମିକ ୫ ମିଲିୟନ୍ ଟନ୍‌କୁ ବୃଦ୍ଧି କରିଛନ୍ତି । ପୂର୍ବରୁ ଏହି ପରିମାଣ ୩୦ ମିଲିୟନ୍ ଟନ୍ ଥିଲା । ଖାଦ୍ୟ ସଚିବ ସଂଜୀବ ଚୋପ୍ରା କହିଛନ୍ତି' ଅନୁପଯୁକ୍ତ ପାଣିପାଗ ଏବଂ ଅସମୟରେ ବର୍ଷା ଯୋଗୁଁ ହେଉଥିବା ଶସ୍ୟହାନି କାରଣରୁ କୃଷକମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ନୂଆଦିଲ୍ଲୀଠାରେ ଗତକାଲି ଗହମ ସର୍ଭେର ବାର୍ଷିକ ରିପୋର୍ଟ ଜାରି କରି ଶ୍ରୀ ଚୋପ୍ରା କହିଛନ୍ତି, ରାଜ୍ୟଓ୍ୱାରୀ ଗହମ ସଂଗ୍ରହ ଲକ୍ଷ୍ୟ ସଂଶୋଧିତ କରାଯାଇଛି । ମଧ୍ୟପ୍ରଦେଶରେ ଗହମ ସଂଗ୍ରହ ପରିମାଣ ୧୦ ମିଲିୟନ ଟନ୍, ଉତ୍ତରପ୍ରଦେଶରେ ୨ଦଶମିକ ୫ ମିଲିୟନ୍ ଟନ୍, ରାଜସ୍ଥାନରେ ୨ଦଶମିକ ୩/୫ ମିଲିୟନ୍ ଟନ୍ ଏବଂ ଉତ୍ତରାଖଣ୍ଡରେ ୫ ହଜାର ଟନ୍ ଗହମ ସଂଗ୍ରହ କରାଯିବାର ଆଶା କରାଯାଉଛି ।

# ଓ୍ୱେଦର୍

ଭାରତର ପାଣିପାଗ ବିଭାଗ ପକ୍ଷରୁ ଦିଲ୍ଲୀ, ଛତିଶଗଡ଼, ହରିଆଣା, ଚଣ୍ଡୀଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ବିଦର୍ଭରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଆଜି ଅରୁଣାଚଳପ୍ରଦେଶ, ଆସାମ, ମେଘାଳୟ ଓ

ସିକିମ୍‌ରେ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୋଲକାତାର ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ଆସନ୍ତାକାଲି ଘଡ଼ଘଡ଼ି ଏବଂ କୁଆପଥର ସହ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଆଜି ମଧ୍ୟ ବିହାର, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ଗୁଜରାଟ, ପଶ୍ଚିମବଙ୍ଗ, କେରଳ, ମାହେ, କୋଙ୍କଣ, ଗୋଆ ଏବଂ ମଣିପୁରରେ ଆର୍ଦ୍ରତା ସହ ପ୍ରବଳ ଗରମ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଇପିଏଲ୍

ଆଇପିଏଲ କ୍ରିକେଟର ଗତକାଲି ମ୍ୟାଚ୍‌ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ’ ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ୍ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ୧୮ ଓଭର ୫ଟି ବଲ୍‌ରେ ୨୦୬ କରି ବିଜୟ ହାସଲ କରିଥିଲା ।  ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ  ପକ୍ଷରୁ ବିରାଟ କୋହଲି ୮୧ ରନ୍ ଏବଂ ଦେବଦତ୍ତ ପଡ଼ିକାଲ୍‌ସ ୫୫ ରନ୍ ସଂଗ୍ରହ କରିଥିଲେ । ଗୁଜରାଟ ଟାଇଟନ୍ସ ପକ୍ଷରୁ ରସିଦ୍ ଖାନ୍ ୨ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ୍, ଯାସନ୍ ହୋଲ୍‌ଡର, ମାନବ ସୁଥର ଗୋଟିଏ ଲେଖାଏଁ

ୱିକେଟ୍ ନେଇଥିଲେ । ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଅପରାହ୍ଣ ସାଢ଼େ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଅନ୍ୟ ଏକ ମ୍ୟାଚ୍‌ରେ ଜୟପୁରର ସାୱାଇ ମାନସିଂ ଷ୍ଟାଡିୟମଠାରେ ରାଜସ୍ଥାନ ରୟାଲ୍‌ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ରାତି ସାଢ଼େ୭ଟାରେ ଆରମ୍ଭ ହେବ ।

# ୱିମେନ୍ସ କ୍ରିକେଟ୍

ମହିଳା କ୍ରିକେଟ୍‌ର ଚତୁର୍ଥ ଟି-୨୦ ଅନ୍ତର୍ଜାତୀୟ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଆଜି ଭାରତ ଦକ୍ଷିଣ ଆଫ୍ରିକାକୁ ଭେଟିବ । ଏହି ମ୍ୟାଚ୍ ଆଜି ରାତି ସାଢ଼େ୯ଟାରେ ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ଖେଳାଯିବ । ଏପର୍ଯ୍ୟନ୍ତ ସୁଦ୍ଧା ଦକ୍ଷିଣ ଆଫ୍ରିକା ୩-୦ରେ ଆଗୁଆ ରହିଛି ।